**କେନ୍ଦୁଝର : ଡିସେମ୍ବର ୧୮ରୁ ୨୨ ପର୍ଯ୍ୟନ୍ତ ଗୋନାସିକା କେନ୍ଦୁଝର ମହୋତ୍ସବ ଓ**

**ଡିସେମ୍ବର ୧୮ରୁ ୨୫ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା : ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ : ଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ**

କେନ୍ଦୁଝର, ତା ୧୫.୧୨. କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଚଳିତ ଡିସେମ୍ବର ୧୮ରୁ ୨୨ ପର୍ଯ୍ୟନ୍ତ ଗୋନାସିକା କେନ୍ଦୁଝର ମହୋତ୍ସବ କେନ୍ଦୁଝର ଷ୍ଟାଡିୟମ୍ ଠାରେ ଓ ଡିସେମ୍ବର ୧୮ରୁ ୨୫ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା କାଳୀପଡିଆଠାରେ ଆୟୋଜନ ନିମନ୍ତେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି । ଏହି ଅବସରରେ ଚଳିତ ଡିସେମ୍ବର ୧୫ ତାରିଖ ଦିନ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ସର୍କିଟ ହାଉସଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ସୂଚନା ଦେଇ କହିଥିଲେ ଯେ ଗୋନାସିକା କେନ୍ଦୁଝର ମହୋତ୍ସବ କେନ୍ଦୁଝର ଷ୍ଟାଡିୟମ୍ ଠାରେ ଆୟୋଜନ କରାଯାଉଥିବା ବେଳେ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା, ଖାଦ୍ୟମେଳା, ପୁସ୍ତକମେଳା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ କାଳୀ ପଡିଆଠାରେ ଆୟୋଜିତ ହେବ । କେନ୍ଦୁଝର ଜିଲ୍ଲାର କଳା, ସଂସ୍କୃତି, ଐତିହ୍ୟ, ପରଂପରା, ଗ୍ରାମୀଣ ଶିଳ୍ପକଳାର ପ୍ରଚାର, ପ୍ରସାର, ବିକାଶ ସହିତ ଶିଳ୍ପୀ, କଳାକାରମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟ ନେଇ ଗୋନାସିକା କେନ୍ଦୁଝର ମହୋତ୍ସବ ଓ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯାଇଛି । ମିଳିଥିବା ସୂଚନା ଅନୁଯାଇ ପଲ୍ଲିଶ୍ରୀ ମେଳାରେ ରାଜ୍ୟର ୨୯ଟି ଜିଲ୍ଲାର ତଥା ଭାରତର ୦୮ଟି ରାଜ୍ୟ ଯଥା ଦିଲ୍ଲୀ, ବିହାର, ପଞ୍ଜାବ, ଉତରପ୍ରଦେଶ, କାଶ୍ମୀର, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ଆସାମ ଓ ମଣିପୁର ଆଦି ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ, ଶିଳ୍ପୀ, କାରିଗର ଅଂଶଗ୍ରହଣ କରିବେ ଓ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ/ଦ୍ରବ୍ୟ ପ୍ରଦର୍ଶିତ ହେବା ସହିତ ବିକ୍ରୟ ହେବ । ଯାହାକି ସେମାନଙ୍କର ଆର୍ଥୀକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଏତଦ୍‌ବ୍ୟତୀତ ମେଗା ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାର, ଜିଲ୍ଲାର ବିଭିନ୍ନ ଅଂଚଳର ଲୋକକଳା ନୃତ୍ୟଦଳ ସାଙ୍ଗକୁ ରାଜ୍ୟର ବିଭିନ୍ନ ଜିଲ୍ଲାର ସୁନାମଧନ୍ୟ ଲୋକକଳା ନୃତ୍ୟଦଳ ଅଂଶଗ୍ରହଣ କରିବେ । ଏତଦ୍‌ବ୍ୟତୀତ ଆନ୍ଧ୍ରପ୍ରଦେଶ, ଆସାମ, ପଞ୍ଜାବ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଆଦି ରାଜ୍ୟର ଲୋକକଳା ଦଳ ଅଂଶଗ୍ରହଣ କରିବେ । ଏହା କେନ୍ଦୁଝର ତଥା ଓଡିଶା ସଂସ୍କୃତିକୁ ଋଦ୍ଧିମନ୍ତ କରିବା ସହିତ ସଦ୍‌ଭାବନା, ଭାଇଚାରା, ମୈତ୍ରୀ ଓ ଶାନ୍ତି ପ୍ରତିଷ୍ଠା ଦିଗରେ ପ୍ରେରଣା ଯୋଗାଇବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଲୋକପ୍ରିୟ ବଲିଉଡ କଳାକାର ପବନଦୀପ, ଅରୁଣିତା କାଂଜିଲାଲ, ସଲମନ ଅଲ୍ଲୀ, ସ୍ନେହା ଭଟ୍ଟାଚାର୍ଯ୍ୟ, ମହମ୍ମଦ ଡାନିସ, ସନମୁଖ ପ୍ରିୟା, ଓଡିଶାର ସୁନାମଧନ୍ୟ କଳାକାର ମଂଟୁ ଛୁରିଆ, ସ୍ୱୟଂ ପାଢୀ, ଅନ୍ତରା ଚକ୍ରବର୍ତୀ ପ୍ରମୁଖ ଗୋନାସିକା କେନ୍ଦୁଝର ମହୋତ୍ସବରେ ନିଜ ଦଳ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ନିମନ୍ତେ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଛି । ସୂଚନାଯୋଗ୍ୟ ଯେ ମେଗା ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ସହିତ ଜିଲ୍ଲାରେ ବିଭିନ୍ନ ଅଂଚଳର ଲୋକନୃତ୍ୟ ଦଳ ଯଥା ଚାଙ୍ଗୁନୃତ୍ୟ, ସାନ୍ତାଳି ନୃତ୍ୟ, ମୁଣ୍ଡା ନୃତ୍ୟ, ପାଲା, ଖଞ୍ଜଣୀ ଭଜନ, ଝୁମର ନୃତ୍ୟ, ଛଉ ନୃତ୍ୟ, କଣ୍ଢେଇ ନୃତ୍ୟ ଦଳ ଅଂଶ ଗ୍ରହଣ କରିବେ । ପ୍ରତିଦିନ ଜିଲ୍ଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଓ ଲୋକକଳା ନୃତ୍ୟଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ । ଡିସେମ୍ବର ୧୮ ତାରିଖ ସନ୍ଧ୍ୟା ୫ ଘଟିକା ସମୟରେ କେନ୍ଦୁଝର ଷ୍ଟାଡିୟମ୍ ଠାରେ ଉଦ୍‌ଘାଟନୀ ସମାରୋହ ଓ ଡିସେମ୍ବର ୨୨ ତାରିଖ ସନ୍ଧ୍ୟା ୫ ଘଟିକା ସମୟରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ । ଗୋନାସିକା କେନ୍ଦୁଝର ମହୋତ୍ସବର ସଫଳତା ପାଇଁ ଜିଲ୍ଲାପାଳ ଶ୍ରୀ ଠାକରେ ଜିଲ୍ଲାବାସୀଙ୍କର ସକ୍ରିୟ ସହଯୋଗ କାମନା କରିଛନ୍ତି ଏବଂ ଆନନ୍ଦ ଉଲ୍ଲାସ ସହିତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଉପଭୋଗ କରିବା ପାଇଁ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି । ଏତଦ୍‌ବ୍ୟତୀତ ଗୋନାସିକା-କେନ୍ଦୁଝର ମହୋତ୍ସବ ଓ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳାର ପ୍ରଚାର, ପ୍ରସାର ନିମନ୍ତେ ଜିଲ୍ଲାପାଳ ଗଣମାଧ୍ୟମ ପ୍ରତିନିଧି ମାନଙ୍କର ସକ୍ରିୟ ସହଯୋଗ କାମନା କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର ସଂଜୀବ ବାରିକ, ଓରମାସ୍‌ର ଯୁଗ୍ମ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସପନ ଗୋସ୍ୱାମୀ ଏବଂ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

ସଂ [signature]

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର